# ସତ୍ୟବାଣୀ

# VOICE OF TRUTH

**VOL - 29　KAKINADA　JAN-FEB-2023**


## ମଧ୍ୟସ୍ଥ

### (The one who stands Between)

ଅତି ପବିତ୍ର ପରମେଶ୍ୱର ଓ ଆରୋଗ୍ୟ ମନୁଷ୍ୟ ମଧ୍ୟରେ ସେବା କରିବା ନିମନ୍ତେ ସଦାପ୍ରଭୁ ସର୍ବଦା ମଧ୍ୟସ୍ଥମାନଙ୍କୁ ମନୋନୀତ କରନ୍ତି । ଆମ୍ଭେମାନେ ଆମ୍ଭମାନଙ୍କ ନିଜ ଯୋଗ୍ୟତାନୁଯାୟୀ ପରମେଶ୍ୱରଙ୍କ ନିବାସସ୍ଥାନ ସ୍ୱର୍ଗକୁ ପହଞ୍ଚି ପାରିବା ନାହିଁ । ସେ ଆଦ୍ୟରୁ କୁଳପତି, ବିଚାରକର୍ତ୍ତା, ଭାବବାଦୀମାନଙ୍କୁ ମନୋନୀତ କରିଥିଲେ । ପ୍ରଥମେ ମୋଶା ଓ ବର୍ତ୍ତମାନ ଖ୍ରୀଷ୍ଟିୟାନ ଯୁଗରେ ଯୀଶୁଖ୍ରୀଷ୍ଟଙ୍କ ମଧ୍ୟସ୍ଥ ରୂପେ ନିଯୁକ୍ତ କରିଅଛନ୍ତି । ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି,''ଅତଏବ, ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣ ରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ ।'' (ଏବ୍ରୀ ୭:୨୫)

ପ୍ରେରିତ ପାଉଲଙ୍କ ଦ୍ୱାରା ଆମ୍ଭମାନଙ୍କ ପିତା ପରମେଶ୍ୱର ଆମ୍ଭମାନଙ୍କୁ କହନ୍ତି, ''କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟଯୀଶୁ, ଜଣେ ମନୁଷ୍ୟ । (୧ମ ତୀମଥି ୨:୫) । ଏକ ପରମେଶ୍ୱର, ଏକ ମଧ୍ୟସ୍ଥ ଏବଂ ଏକ ମାନବ ସମାଜ । ''ଆଉ, ସେ ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତି ଠାରୁ ସମସ୍ତ ମାନବଜାତି ସୃଷ୍ଟି କରିଅଛନ୍ତି, ସେ ସେମାନଙ୍କର ନିର୍ଦ୍ଦିଷ୍ଟ କାଳ ଓ ନିବାସର ସୀମା ସ୍ଥିର କରିଅଛନ୍ତି ।'' (ପ୍ରେରିତ ୧୭:୨୬) । ମାନବ ସମାଜ ନିମନ୍ତେ ଯୀଶୁଖ୍ରୀଷ୍ଟ ହିଁ ଏକମାତ୍ର ମାର୍ଗ ଅଟନ୍ତି ।

(ଯୋହନ ୧୪:୬) । ଖ୍ରୀଷ୍ଟଙ୍କ ଆଗମନ ପୂର୍ବେ ଅନେକ ଧର୍ମପନ୍ଥା ସ୍ଥାପିତ ହୋଇଥିଲା। ଉ:ସ୍ୱ Confuciansm, Budhism, Zoroastrianism, ବିଭିନ୍ନ ଧର୍ମପନ୍ଥା ଦ୍ୱାରା ପରିତ୍ରାଣ ସାଧିତ ସମ୍ଭବ ହୋଇ ପାରିଥିଲେ, ଯୀଶୁଖ୍ରୀଷ୍ଟଙ୍କ ଏହି ଜଗତରେ ଜନ୍ମଗ୍ରହଣ କରିବା ବ୍ୟର୍ଥ ହୋଇଥାନ୍ତା । ପ୍ରଚାରକମାନେ ସୁସମାଚାର ପ୍ରଚାର କରନ୍ତି, ଶ୍ରବଣ କରିଥିବା ବାକ୍ୟ ବିଶ୍ୱାସ କରି ଆଜ୍ଞାବହ ହେବା ପ୍ରତ୍ୟେକ ପରିତ୍ରାଣ ପ୍ରାପ୍ତ ହୁଅନ୍ତି । (ରୋମୀୟ ୧୦:୧୪) ପ୍ରଚାରକମାନେ ତ୍ରାଣକର୍ତ୍ତା ନୁହନ୍ତି , କିନ୍ତୁ ତ୍ରାଣକର୍ତ୍ତା ନିକଟକୁ କଢ଼ାଇ ନିଅନ୍ତି । ଆପଲ୍ଲ କିଏ ? ପାଉଲ ବା କିଏ ? ସେମାନେ ତ ସେବକ ମାତ୍ର; ଯେଉଁମାନଙ୍କ ଦ୍ୱାରା, ପ୍ରତ୍ୟେକଙ୍କୁ ପ୍ରଭୁ ଯେପରି ଦେଇଅଛନ୍ତି, ତଦନୁସାରେ ତୁମ୍ଭେମାନେ ବିଶ୍ୱାସ କରିଅଛ ।''(୧ମ କରିନ୍ଥୀ ୩:୫) । ପୁନର୍ବାର ପାଉଲ କହନ୍ତି,''ଖ୍ରୀଷ୍ଟ କି ବିଭକ୍ତ ହୋଇଅଛନ୍ତି ? ତୁମ୍ଭମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ ହତ ହୋଇଥିଲା ? କିମ୍ବା ପାଉଲ ନାମରେ ବାପ୍ତିଜିତ ହୋଇଥିଲ ? ( ୧ମ କରିନ୍ଥୀ ୧:୧୩)

ଯୀଶୁଖ୍ରୀଷ୍ଟ ପୁରାତନ ନିୟମ ସଫଳ କରି ଲୋପ କରିଅଛନ୍ତି ଓ ନୂତନ ନିୟମରେ ମଧ୍ୟସ୍ଥ ଅଟନ୍ତି, ସେ ନୂତନ ନିୟମର ମଧ୍ୟସ୍ଥ ରୂପେ ନିର୍ଣ୍ଣିତ ହେବା ପୂର୍ବରୁ ମୃତ୍ୟୁ ଭୋଗିବା ଆବଶ୍ୟକ ଥିଲା । (ଏବ୍ରୀ ୯:୬) ହତସାକ୍ଷୀ ସ୍ତିଫନ ପ୍ରସ୍ତରାଘାତରେ ମୃତ୍ୟୁ ଭୋଗିବା ପୂର୍ବେ, ସାକ୍ଷ୍ୟ ଦେଇ କହିଲେ, ''ଏହି ବ୍ୟକ୍ତି (ମୋଶା) ପ୍ରାନ୍ତରସ୍ଥ ମଣ୍ଡଳୀ ମଧ୍ୟରେ ଥାଇ ସୀନୟ ପର୍ବତରେ ତାଙ୍କ ସହିତ କଥା କହୁଥିବା ଦୂତଙ୍କ ଓ ଆମ୍ଭମାନଙ୍କ ପିତୃପୁରୁଷମାନଙ୍କ ମଧ୍ୟରେ ମଧ୍ୟସ୍ଥ ଥିଲେ, ସେ ତୁମ୍ଭମାନଙ୍କୁ ଦାନ କରିବା ନିମନ୍ତେ ଜୀବନ୍ତ ବାକ୍ୟସମୂହ ପ୍ରାପ୍ତ ହେଲେ ।'' (ପ୍ରେରିତ ୭:୩୮) ପ୍ରଭୁଯୀଶୁ ସ୍ୱର୍ଗର ଏହି ଧାରାରେ ଅବତରଣ କରି ଈଶ୍ୱର ଓ ମାନବ ମଧ୍ୟରେ ମଧ୍ୟସ୍ଥର କାର୍ଯ୍ୟ କରନ୍ତି ।'' ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି, ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ ।'' (ଏବ୍ରୀ ୧:୧)

ପ୍ରଶ୍ନ ଉଠେ, ମଧ୍ୟସ୍ଥର ଆବଶ୍ୟକତା କାହିଁକି ? ମନୁଷ୍ୟ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରି ତାହାଙ୍କ ଠାରୁ ଦୂରେଇ ଗଲା, କିନ୍ତୁ ପାପୀ ମନୁଷ୍ୟର ପରିତ୍ରାଣାର୍ଥେ ପ୍ରେମମୟ ଯୀଶୁଖ୍ରୀଷ୍ଟ ଆପଣାକୁ ବଳି ରୂପେ ଉତ୍ସର୍ଗ କରିଅଛନ୍ତି । ସେ ନ୍ୟାୟବାନ ବିଚାରକର୍ତ୍ତା ଅଟନ୍ତି । ସେ ଯୋଗ୍ୟ ମଧ୍ୟସ୍ଥ ଅଟନ୍ତି, କାରଣ ସେ ଈଶ୍ୱର ଅଟନ୍ତି ଓ ମାନବ ଶରୀରଧାରୀ ହୋଇ ଏହି ଜଗତକୁ ଆସିଥିଲେ । ସେ କେତେ ପ୍ରେମ କରନ୍ତି ସେ ଜ୍ଞାତ ଅଟନ୍ତି । ''ଈଶ୍ୱର ପରାୟଣତାର ନିଗୂଢ଼ ତତ୍ତ୍ୱ ଯେ ମହତ୍ ଏହା ସମସ୍ତେ ସ୍ୱୀକାର କରନ୍ତି, ତାହା ଏହି ସେ ଦେହବନ୍ତ ହୋଇ ପ୍ରକାଶିତ ହେଲେ, ଆତ୍ମାରେ ଧାର୍ମିକ ବୋଲି ପ୍ରମାଣିତ ହେଲେ, ଦୂତମାନଙ୍କ ଦ୍ୱାରା ଦେଖାଗଲେ, ଜାତିମାନଙ୍କ ମଧ୍ୟରେ ପ୍ରଚାରିତ ହେଲେ, ଜଗତରେ ବିଶ୍ୱାସପାତ୍ର ହେଲେ, ଗୌରବରେ ଗୃହୀତ ହେଲେ ।'' (୧ମ ତୀମଥି ୩: ୧୬) । ସେ ମନୁଷ୍ୟମାନଙ୍କ ସପକ୍ଷରେ, ସଦାପ୍ରଭୁଙ୍କ ନିକଟରେ ଉତ୍ତରବାଦୀ ଅଟନ୍ତି । (୧ମ ଯୋହନ ୨ : ୧-୩)

ସଦାପ୍ରଭୁ ପବିତ୍ର ଅଟନ୍ତି ଓ ମନୁଷ୍ୟ ଅପବିତ୍ର ଓ ପାପୀ । ତେଣୁକରି ମନୁଷ୍ୟ ସଦାପ୍ରଭୁଙ୍କ ନିକଟବର୍ତ୍ତୀ ହୋଇ ନ ପାରେ । (ଯୋହନ ୧୪ :୬) । ''ଯାହାଙ୍କ ଠାରେ ଲେଶ ମାତ୍ର ନ ଥିଲା ।'' (୨ କରିନ୍ଥୀ ୫: ୨୧) । ସେ ମନୁଷ୍ୟମାନଙ୍କ ଉତ୍ତରବାଦୀ ହେବାକୁ ଯୋଗ୍ୟ ଅଟନ୍ତି । ସେ ଆମ୍ଭମାନଙ୍କ ମହାଯାଜକ ଅଟନ୍ତି ଏବଂ ଆମ୍ଭେମାନେ ତାହାଙ୍କ ନାମରେ ପ୍ରାର୍ଥନା କରୁ । ସେ ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାରୀ ଅଟନ୍ତି । ''ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ ।'' (ଫିଲିପ ୨ : ୧୦) ପାପୀ ମନୁଷ୍ୟ, ଯୀଶୁଙ୍କ ଦ୍ୱାରା ପବିତ୍ର ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରେ । ସେ ଇମ୍ମାନୁୟେଲ ଆମ୍ଭମାନଙ୍କ ସହିତ ପରମେଶ୍ୱର ଅଟନ୍ତି । (ମାଥିଉ ୧ : ୨୩) ଆମ୍ଭେମାନେ ଯଦି ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରୁ, କିନ୍ତୁ ଯୀଶୁଙ୍କୁ ଅଗ୍ରାହ୍ୟ କରୁ, ତାହା ଲାଭଦାୟକ ନୁହେଁ । ଯୀଶୁଖ୍ରୀଷ୍ଟ ଏକମାତ୍ର ନିଷ୍ପାପୀ ମଧ୍ୟସ୍ଥ ଅଟନ୍ତି, ସେ ଆମ୍ଭମାନଙ୍କ ସପକ୍ଷରେ ସଦାପ୍ରଭୁଙ୍କ ଠାରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରୁଅଛନ୍ତି ।'' (ରୋମୀୟ ୮ :୩୪)

**- Michael L. King**

❋❋❋

# ଖ୍ରୀଷ୍ଟିୟ ଜୀବନ କିପରି ଯାପନ କରିପାରିବା ?
## (How to live The Christian Life?)

ଖ୍ରୀଷ୍ଟିୟ ଜୀବନଯାପନ ନିମନ୍ତେ ପ୍ରଥମେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ପରିବର୍ତ୍ତିତ ହେଉ । ତାହାଙ୍କ ଠାରେ ପରିବର୍ତ୍ତିତ ହେବର ଅର୍ଥ ବିଶ୍ୱାସ ମନ ପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିସ୍ମ ଗ୍ରହଣ କରି ତାହାଙ୍କ ଠାରେ ସଂଯୁକ୍ତ ହେଉ । (ଯୋହନ ୩:୧୬, ମାଥିଉ ୧୦:୩୨-୩୩, ଲୂକ ୧୩:୩,. ମାର୍କ ୧୬:୧୬, ପ୍ରେରିତ ୨:୩୬-୩୮) ଜଣେ ଖ୍ରୀଷ୍ଟିୟାନ ନ ହୋଇ ଖ୍ରୀଷ୍ଟିୟ ଜୀବନ ଯାପନ କରିବା ଅସମ୍ଭବ । ଉଦାହରଣ ସ୍ୱରୂପ :- ମନୁଷ୍ୟ ବିବାହ ନ କରି, ବିବାହିତ ଜୀବନଯାପନ କରିବା ଅସମ୍ଭବ ।

ଖ୍ରୀଷ୍ଟିୟ ଜୀବନର ଫଳ ଅନ୍ୟମାନଙ୍କ ନିକଟରେ ପ୍ରସ୍ଫୁଟିତ ହୁଏ । (ତିତ ୨:୧୧-୧୨) । ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ତାହାଙ୍କୁ ଅର୍ପଣ କରୁ । (ରୋମୀୟ ୧୨:୧-୩) । କେବଳ କଥାରେ ନୁହେଁ କିନ୍ତୁ କର୍ମରେ ଆମ୍ଭମାନଙ୍କ ପ୍ରେମ ପ୍ରତିଫଳିତ ହେଉ । ( ୧ମ ଯୋହନ ୩:୧୭-୧୮) । ଦରିଦ୍ର, ମନହୀନମାନଙ୍କ ସାହାଯ୍ୟ କରୁ । (ଯାକୁବ ୧:୨୭) । ଛଳ ଜୀବନ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଘୃଣାଜନକ ।

**ଖ୍ରୀଷ୍ଟିୟ ଜୀବନଯାପନର କେତୋଟି ସରଳ ସୂତ୍ର :**

୧) ପ୍ରତ୍ୟେକ ମନୁଷ୍ୟ ଅନ୍ୟର ବିଚାର କରିବାରେ ଅଭ୍ୟସ୍ତ । (ମାଥିଉ ୭:୧-୫) ପ୍ରତ୍ୟେକେ ସିଦ୍ଧ ନୁହନ୍ତି, କିନ୍ତୁ ମୁଁ ଓ ଆପଣ ମଧ୍ୟ ସିଦ୍ଧ ମନୁଷ୍ୟ ନୋହୁଁ । ଜୀବନର ଉତ୍କୃଷ୍ଟତର ବିଷୟ ପ୍ରତି ନକ୍ଷତ୍ରଗଣ ଦେଖିପାରିବେ । ନିମ୍ନସ୍ତରରେ ଦୁର୍ଗନ୍ଧମୟ ଜଗତ । ଦୟା ଓ ନମ୍ର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ପ୍ରଭାବିତ କରିପାରିବା । ଆପଣା ନିକଟସ୍ଥ ବନ୍ଧୁ ମିତ୍ରମାନଙ୍କ ଦୁର୍ବଳତାରେ ଭ୍ରୁକ୍ଷେପ କର ନାହିଁ ।

୨) ଖ୍ରୀଷ୍ଟିୟ ଜୀବନରେ ଆମ୍ଭମାନଙ୍କୁ କେତୋଟି ବିଷୟ ପରିତ୍ୟାଗ କରିବାକୁ ହେବ । (ଯାତ୍ରା ୨୦:୧-୧୭) । ପାପ ଜୀବନ ସହ କେହି ଖ୍ରୀଷ୍ଟିୟ ଜୀବନଯାପନ କରି ନ ପାରେ । (ଗାଲାତି ୫:୧୯-୨୧) ଏକ ଧନୀ ଯୁବକ

ଆଭାମ ଦୌଡ଼ି ଆସି ଯୀଶୁଖ୍ରୀଷ୍ଟଙ୍କୁ ପଚାରିଲେ,"...ହେ ଗୁରୁ, ଅନନ୍ତ ଜୀବନ ପ୍ରାପ୍ତ ହେବା ନିମନ୍ତେ ମୁଁ କେଉଁ ସତ୍କର୍ମ କରିବି ? ...ଯୀଶୁ କହିଲେ, ଏହିସବୁ ନରହତ୍ୟା କର ନାହିଁ, ମିଥ୍ୟାସାକ୍ଷୀ ଦିଅ ନାହିଁ, ପିତାମାତାଙ୍କୁ ସମାଦର କର, ପୁଣି, ତୁମ୍ଭର ପ୍ରତିବାସୀଙ୍କୁ ଆତ୍ମତୁଲ୍ୟ ପ୍ରେମ କର।" (ଯୋହନ ୧୯:୧୬-୧୯) । ଜ୍ଞାନୀ ଶଲୋମନ କହନ୍ତି, "ଧାର୍ମିକତା ରାଜ୍ୟର ଉନ୍ନତି ଜନ୍ମ ଏ, ଶାସ୍ତ୍ର ପାପ ନରଗଣର ଅପମାନ।" (ହିତ ୧୪:୩୪) । ପାପ ମନୁଷ୍ୟମାନଙ୍କ ଜୀବନରେ ନ ଥିଲେ, ଦେଶ କେତେ ଉନ୍ନତ କରିଥାନ୍ତା।"

୩) ଯୀଶୁ କହିଲେ,"ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛାସାଧାନ କରେ, ସେ ପ୍ରବେଶ କରିବ।" (ମାଥିଉ ୭:୨୧) । ପ୍ରେରିତ ଯୋହନ ଲେଖନ୍ତି, "ଜୀବନବୃକ୍ଷର ଅଧିକାରୀ ହେବା ନିମନ୍ତେ ଓ ଦ୍ୱାର ଦେଇ ନଗରୀରେ ପ୍ରବେଶ କରିବା ନିମନ୍ତେ ଯେଉଁମାନେ ଆପଣା ଆପଣା ବସ୍ତ୍ର ଧୌତ କରିଅଛନ୍ତି, ସେମାନେ ଧନ୍ୟ।" (ପ୍ରକାଶିତ ବାକ୍ୟ ୨୨:୧୪)

ପରିତ୍ରାଣ ପ୍ରାପ୍ତି ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ହେବା ଆବଶ୍ୟକ । (ଯୋହନ ୫:୧୬, ପ୍ରେରିତ ୧୭:୩୦-୩୧; ୮:୩; ୨୨:୧୬ ଓ ରୋମୀୟ ୬:୩-୪)

ଖ୍ରୀଷ୍ଟଙ୍କ ପରିବାରଭୁକ୍ତ ହେବା ନିମନ୍ତେ ଆମ୍ଭମାନଙ୍କୁ ଉପରୋକ୍ତ ପାହାଚ ଚଢ଼ିବା ଆବଶ୍ୟକ । ପରିବାରଭୁକ୍ତ ହେବା ପରେ ବିଶ୍ୱସ୍ତ ଜୀବନଯାପନ ପାଇଁ ଆହୁରି ଅନେକ ବାକ୍ୟର ଆଜ୍ଞାବହ ହେବା ଆବଶ୍ୟକ । ସେଗୁଡ଼ିକ ଆମ୍ଭେମାନେ ଅବଲମ୍ବନ କରିବା ଆଜ୍ଞାଗୁଡ଼ିକ ଆମ୍ଭେମାନେ ବାକ୍ୟରେ ପଢ଼ିପାରୁ । (୧) ପ୍ରତ୍ୟେକ ଈଶ୍ୱରଙ୍କ ସନ୍ତାନମାନେ ସପ୍ତାହର ପ୍ରଥମ ଦିବସରେ ମଣ୍ଡଳୀ ଉପାସନାରେ ଏକତ୍ରିତ ହେଉ । (ପ୍ରେରିତ ୨୦:୭, ୧ କରିନ୍ଥୀ ୧୬:୧-୨, ଏବ୍ରୀ ୧୦:୨୫) । ତାହାଙ୍କ ବାକ୍ୟାନୁଯାୟୀ ତାହାଙ୍କ ଉପାସନା କରୁ ।

(ପ୍ରେରିତ ୨:୪୨, ଏଫିସୀ ୫:୧୯) । ଯେ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ଉତ୍ସର୍ଗ କରିଥିଲେ ତାହାଙ୍କୁ ଓ ପିତା ପରମେଶ୍ୱରଙ୍କୁ ଆତ୍ମା ଓ ସତ୍ୟରେ ଉପାସନା କରୁ । (ଯୋହନ ୪:୨୪)

ଯଦିଓ ଖ୍ରୀଷ୍ଟିୟ ଜୀବନରେ ଅନେକ ବାଧାବିଘ୍ନ ସୃଷ୍ଟି ହୁଏ, ଆମ୍ଭେମାନେ ଏକଭାବପନ୍ନ , ଶାନ୍ତି ସହ ଆମ୍ଭମାନଙ୍କ ପ୍ରେମମୟ ପ୍ରଭୁଯୀଶୁଙ୍କ ଅନୁସନ୍ଧାନ କରୁ । (ଏଫିସୀ ୫:୨୨,୨୪)

କଳହର ବୀଜ ବୁଣ ନାହିଁ (ହିତ ୬:୧୬-୧୯) । ଅଧକ୍ଷ, ସେବକ, ପ୍ରଚାରକ, ବାଇବଲ ଶିକ୍ଷକ ଓ ପରସ୍ପରର ସମ୍ମାନ କରୁ । (ରୋମୀୟ ୧୩:୬-୧୦) । ଖ୍ରୀଷ୍ଟିୟ ଆଦର୍ଶ ଜୀବନଯାପନ କରୁ । ( ୧ମ ତୀମଥି ୪:୧୨)

୪) ପ୍ରଭୁଙ୍କ ଠାରେ ବିଶ୍ୱସ୍ତ ଜୀବନଯାପନ କରୁ । କେତେକ ଅଧକ୍ଷ, ପ୍ରଚାରକ କିଅବା ଅନ୍ୟ ଖ୍ରୀଷ୍ଟିୟାନମାନେ ବିଶ୍ୱସ୍ତ ଜୀବନଯାପନ ନ କଲେ ମଧ୍ୟ, ଅପରିବର୍ତ୍ତନୀୟ ପ୍ରଭୁଙ୍କ ଠାରେ ବିଶ୍ୱସ୍ତ ରହୁ । ପ୍ରଥମ ଶତାବ୍ଦୀରେ ଅନେକ ଭଣ୍ଡ ଭାବବାଦୀ । ଭଣ୍ଡ ପ୍ରଚାରକ ଥିଲେ ସୁଦ୍ଧା, ପ୍ରେରିତ ପାଉଲ ଆପଣା ପରିଚର୍ଯ୍ୟାରେ ଅବହେଳା କରି ନ ଥିଲେ । ( ୧ମ କରିନ୍ଥୀ ୫:୧-୧୩;୨ୟ କରିନ୍ଥୀ ୪:୧୦-୧୮)

ଖ୍ରୀଷ୍ଟିୟାନମାନେ ସ୍ଥିର ଓ ବଦ୍ଧମୂଳ ହୋଇ ରହିବା ଖ୍ରୀଷ୍ଟ ଇଚ୍ଛା କରନ୍ତି । ପ୍ରେରିତ ପାଉଲ କହନ୍ତି,''ଯେପରି ତୁମ୍ଭେମାନେ ପ୍ରେମରେ ବଦ୍ଧମୂଳ ଓ ଦୃଢ଼ରୂପେ ସ୍ଥାପିତ ହୋଇ ବୋଧର ଅଗମ୍ୟ ଯେ ଖ୍ରୀଷ୍ଟଙ୍କ ପ୍ରେମ, ତାହା ଜ୍ଞାତ ହୁଅ ।'' (ଏଫିସୀ ୩:୧୮) ''ତୁମ୍ଭେମାନେ ଯେବେ ବିଶ୍ୱାସରେ ବଦ୍ଧମୂଳ ଓ ଅଟଳ ରହି ସୁସମାଚାରରେ ନିହିତ ଭରସାରୁ ବିଚଳିତ ନ ହୁଅ...।'' (କଲସୀ ୧:୨୩) । ''ତାହାଙ୍କ ଠାରେ ବଦ୍ଧମୂଳ ଓ ଗ୍ରନ୍ଥା ହୋଇ ପ୍ରାପ୍ତ ଶିକ୍ଷା ଅନୁସାରେ ନିଷ୍ଠାବାନ ହୋଇ ଅଧିକ ଧନ୍ୟବାଦ ଦିଅ ।'' (କଲସୀ ୨:୭)

ଯିଶାଇୟ ୩୮:୩୧ ପଦରେ ଲେଖାଯାଏ, ''ପୁଣି, ଯିହୂଦାବଂଶର ରକ୍ଷାପ୍ରାପ୍ତ ଅବଶିଷ୍ଟ ଲୋକମାନେ ପୁନର୍ବାର ତଳକୁ ଚେର ଗାଡ଼ିବେ ଓ ଉପରେ ଫଳ

ଫଳିବ । ଏକ ବୃକ୍ଷର ଚେର ସୁଦୃଢ଼ ହେଲେ ବୃକ୍ଷ ଉତ୍ତମ ଭାବେ ଫଳ ଫଳି ପାରେ । ପରମେଶ୍ୱରଙ୍କ ମୌଳିକ ସୂତ୍ରରେ ବୃଦ୍ଧି ନ ପାଇ ଆମ୍ଭେମାନେ ଖ୍ରୀଷ୍ଟିୟ ଜୀବନ ଅଭିବୃଦ୍ଧି ନ ପାଇ ଦୁର୍ବଳ ହୋଇଯାଏ । ଆସ, ଆମ୍ଭେମାନେ ତାହାଙ୍କ ବାକ୍ୟରେ ଅଟଳ ଓ ବଦ୍ଧମୂଳ ହୋଇ ତାହାଙ୍କ ଠାରେ ବୃଦ୍ଧି ପାଉ ।

**- W.A. Holley**

❋❋❋

# ପ୍ରେରିତ ୨ : ୪୨
## (Acts 2:42)

ପ୍ରେରିତମାନଙ୍କ କାର୍ଯ୍ୟାବଳୀର ବୃତାନ୍ତରେ, ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ, ଇଷ୍କାରିତ୍ ଯିହୂଦାର ପରିବର୍ତ୍ତେ ମାଥିଉଙ୍କ ପ୍ରେରିତ ରୂପେ ନିର୍ବାଚନ, ମଣ୍ଡଳୀର ସ୍ଥାପନ, ପ୍ରେରିତ ପିତର ଓ ପ୍ରେରିତ ପାଉଲଙ୍କର ମଣ୍ଡଳୀ ସେବାକାର୍ଯ୍ୟର ଓ ମଣ୍ଡଳୀର ଅଭିବୃଦ୍ଧି ବିଷୟରେ ଘଟିଥାଉ । ଖ୍ରୀ:ଜ: ୩୩ ମସିହା ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ଦ୍ୱାଦଶ ଶିଷ୍ୟ ଗୁଣ୍ଡ ହେବା ସମୟରେ ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କରିଥିଲେ । ପିତର ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ସୁସମାଚାରର ପ୍ରଥମ ପ୍ରସଙ୍ଗ ପ୍ରଚାର କରିଥିଲେ । ତାହାଙ୍କ ପ୍ରଚାରରେ ସେଦିନ ପ୍ରାୟ ତିନିହଜାର ଯିହୂଦୀମାନେ ବାପ୍ତିଜିତ ହୋଇଥିଲେ । ଏହି ରୂପେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇ ଦିନ ଦିନକୁ ଆତ୍ମିକତାରେ ଓ ସଂଖ୍ୟାରେ ବୃଦ୍ଧି ପାଇଥିଲା । ସେମାନଙ୍କ ଅଭିବୃଦ୍ଧି ବିଷୟରେ ବାକ୍ୟରେ କୁହାଯାଏ, ''ସେମାନେ ପ୍ରେରିତ ମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ ।'' (ପ୍ରେରିତ ୨ : ୪ ୨) ସର୍ବପ୍ରଥମେ ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ ନିବିଷ୍ଟ ଚିତ୍ତ ହୋଇ କହିଲେ, ଯୀଶୁଙ୍କର ଦ୍ୱାଦଶ ଶିଷ୍ୟମାନଙ୍କୁ ସେ ମନୋନୀତ କରି ପ୍ରେରିତ ବୋଲି ନାମିତ କରିଥିଲେ । (ଲୂକ ୬: ୧୩) ସେମାନେ ଯୀଶୁଖ୍ରୀଷ୍ଟଙ୍କ ସହ ସାଢ଼େ ତିନି ବର୍ଷ ରହି, ତାହାଙ୍କ ପରିଚର୍ଯ୍ୟାର ଭାଗୀ ଥିଲେ ।

ଯୀଶୁଖ୍ରୀଷ୍ଟଙ୍କ ଏହି ଧାରାରେ ଜନ୍ମ ହେବା ପୂର୍ବେ, ପୁରାତନ ନିୟମ କିଅବା ପୁରାତନ ଧର୍ମଶାସ୍ତ୍ର ଅମଳରେ ଥିଲା । ଏହି ଧର୍ମଶାସ୍ତ୍ର ୧୫୦୦ ବର୍ଷ ପୂର୍ବେ ସଦାପ୍ରଭୁ ମୋଶାଙ୍କ ଦ୍ୱାରା ଇଶ୍ରାଏଲ ଜାତିକୁ ଦିଆଯାଇଥିଲା । ଏହା ମୋଶାଙ୍କ ବ୍ୟବସ୍ଥା ରୂପେ ପରିଚିତ । ଏହା କେବଳ ଇଶ୍ରାଏଲ ଜାତି ନିମନ୍ତେ ଦତ୍ତ ହୋଇଥିଲା । ଏହି ନିୟମର ଅନ୍ତରେ ନୂତନ ନିୟମ ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଆସି ପ୍ରତିଷ୍ଠା କରିଥିଲେ । ଏହି ନିୟମ ସର୍ବଦେଶୀୟ ଓ ସର୍ବଜାତିର ମନୁଷ୍ୟମାନଙ୍କୁ ଦତ୍ତ ହୋଇଅଛି । ଏହି ନୂତନ ନିୟମର ନିୟମାବଳୀକୁ ଯାକୁବଙ୍କ ଭାଷାରେ ''ସିଦ୍ଧ ଅର୍ଥାତ୍ ସ୍ୱାଧୀନର ବ୍ୟବସ୍ଥା ।'' (ଯାକିବ ୧:୨,୫) ଯୀଶୁଖ୍ରୀଷ୍ଟ ଏହି ବ୍ୟବସ୍ଥା ପର୍ବତ ଉପରେ (ମାଥିଉ ୫,.୭ ଅଧ୍ୟାୟ) ସମାଜ ଗୃହରେ ଗ୍ରାମେ ଗ୍ରାମେ, ଗୃହେ ଗୃହେ ଗାଲିଲୀ ସମୁଦ୍ର ତୀରେ ପ୍ରଭୃତି ସ୍ଥାନରେ ଭ୍ରମଣ କରି ପ୍ରଚାର କରୁଥିଲେ । ''ପରେ ଯୀଶୁଖ୍ରୀଷ୍ଟ ସେମାନଙ୍କ ସମାଜ ଗୃହ ସମୂହରେ ଶିକ୍ଷା ଦେଇ ରାଜାର ସୁସମାଚାର ଘୋଷଣା କରି ଏବଂ ଲୋକଙ୍କର ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରି ସମୁଦାୟ ଗାଲିଲୀରେ ଭ୍ରମଣ କରିବାକୁ ଲାଗିଲେ, ମାଥିଉ ୨୪:୧୪, ମାର୍କ ୧:୩୪) । ''ସେଥିରେ ସେ ସେମାନଙ୍କୁ କହିଲେ, ଆସ, ଆମ୍ଭେମାନେ ଅନ୍ୟ ସ୍ଥାନକୁ ଅର୍ଥାତ୍ ନିକଟବର୍ତ୍ତୀ ବଡ଼ ବଡ଼ ଗ୍ରାମକୁ ଯିବା, ସେଠାରେ ମଧ୍ୟ ମୁଁ ପ୍ରଚାର କରିବି, କାରଣ ସେହି ଉଦ୍ଦେଶ୍ୟରେ ମୁଁ ବାହାରି ଅଛି ।'' (ମାର୍କ ୧:୩୮) । ''ଏଥିର ଅଳ୍ପ ସମୟ ପରେ ସେ ଆପେ ଅପେ ନଗରେ ନଗରେ ଓ ଗ୍ରାମେ ଗ୍ରାମେ ଘୋଷଣା କରି ଈଶ୍ୱରଙ୍କ ରାଜ୍ୟର ସୁସମାଚାର ପ୍ରଚାର କରି ଭ୍ରମଣ କରିବାକୁ ଲାଗିଲେ, ଆଉ ଦ୍ୱାଦଶ ତାହାଙ୍କ ସଙ୍ଗରେ ଥିଲେ ।'' (ଲୁକ ୮:୧) ସ୍ୱର୍ଗାରୋହଣ ପୂର୍ବେ ଯୀଶୁ ଶିଷ୍ୟମାନଙ୍କୁ କହିଲେ,''ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । (ମାଥିଉ ୨୮:୧୯,୨୦) । ପ୍ରେରିତମାନେ ପ୍ରଥମ ଶତାବ୍ଦୀରେ ଯିହୂଦା, ଶମିରୋଣ ଓ ସମସ୍ତ ଜାତିମାନଙ୍କ ନିକଟରେ ଖ୍ରୀଷ୍ଟଙ୍କ ଦ୍ୱାରା ଶିକ୍ଷିତ ଶିକ୍ଷା ପ୍ରଚାର କରୁଥିଲେ ।

ସେମାନଙ୍କ ଶିକ୍ଷାର ମୂଳ ଅଂଶ ଥିଲା । ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର । (ମାଥିଉ ୧୬:୧୧) । ତାହାଙ୍କୁ ଈଶ୍ୱର, ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି । (ପ୍ରେରିତ ୨:୩୬) ।ପ୍ରତ୍ୟେକ ମନୁଷ୍ୟ ଆପଣା ଆପଣା ପାପ ନିମନ୍ତେ ମନ ପରିବର୍ତ୍ତନ କରି ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ ପବିତ୍ର ଆତ୍ମାଙ୍କରଦାନ ପ୍ରାପ୍ତ ହେବେ। ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ପ୍ରଭୁ ମଣ୍ଡଳୀ ସହିତ ସଂଯୁକ୍ତ କରନ୍ତି (ପ୍ରେରିତ ୨୮:୩୩,୪୫) । ସେ ଏହି ଜଗତରେ ୩୩ ବର୍ଷ ଜୀବନଯାପନ କଲେ । କ୍ରୁଶୀୟ ମୃତ୍ୟୁଭୋଗି, ସମାଧିପ୍ରାପ୍ତ ହୋଇ, ମୃତ୍ୟୁଞ୍ଜୟୀ ହୋଇ ପୁନଃରୁତ୍ଥିତ ହେଲେ । ସ୍ୱର୍ଗାରୋହଣ ହୋଇ ପିତାଙ୍କ ଦକ୍ଷିଣ ପାର୍ଶ୍ୱରେସିଂହାସନ ଉପବିଷ୍ଟ ଅଟନ୍ତି । ମଣ୍ଡଳୀରେ ସଂଯୁକ୍ତ ଖ୍ରୀଷ୍ଟିୟାନମାନେ ବିଶ୍ୱସ୍ତ ଜୀବନଯାପନ କଲେ, ଜୀବନରୂପ ମୁକୁଟ ପ୍ରାପ୍ତ ହେବେ । (ପ୍ର.ବା. ୨:୧୦) । ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ଉପାସନା ପରିତ୍ରାଣ କରନ୍ତି ନାହିଁ । (ଏବ୍ରୀ ୧୦:୨୫)

ପ୍ରେରିତମାନଙ୍କ ପ୍ରଚାରର ମୁଖ୍ୟ ବିଷୟବସ୍ତୁ ତାହାଙ୍କ ପୁନଃରୁଥାନ । (ପ୍ରେରିତ ୨:୨୪, ୩:୧୫, ପ୍ରେରିତ ୨:୪୦, ୧୩:୩୦) । ''କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନଃରୁଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ।କ୍ତି ସହ ନିର୍ଦ୍ଦିଷ୍ଟ ହେଲେ । (ରୋମୀୟ ୧:୪) । ପ୍ରେରିତ ପାଉଲ ଆଥନୀର ଶ୍ରୋତାମାନଙ୍କୁ କହିଲେ,''ଈଶ୍ୱର ସେହି ଅଜ୍ୟାନତାର କାଳ ଉପେକ୍ଷା କରିଅଛନ୍ତି ସତ୍ୟ, କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି । କାରଣ ଯେଉଁଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ, ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି, ଆଉ ମୃତମାନଙ୍କ ମଧ୍ୟରୁ ଉତ୍ଥାନ କରି ଏ ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ କରିଅଛନ୍ତି ।''(ପ୍ରେରିତ ୪୦:୪୨, ୧୭:୩୧,୩୨)

ପ୍ରେରିତ ମାନଙ୍କ ପ୍ରଚାରର ଅନ୍ୟ ,କ ମୁଖ୍ୟ ବିଷୟବସ୍ତୁ, ଯୀଶୁଖ୍ରୀଟେ ଆପଣା ଲୋକମାନଙ୍କୁ ଆପଣା ସହଘେନିଯିବା ନିମନ୍ତେ ପୁନଃର୍ବାର ଆସିବେ, ସେ ପୁନଃରୁତ୍ଥିତ ହୋଇ ୪୦ ଦିନ ପରେ ସ୍ୱର୍ଗାରୋହଣ ହେବା ସମୟରେ ଶୁକ୍ଳବସ୍ତ

ପରିହିତ ଦୁଇଜଣ ସେମାନଙ୍କ ନିକଟରେ ଉପସ୍ଥିତ ହେଲେ । ''ପୁଣି ସେମାନେ କହିଲେ, ହେ ଗାଲୀଲୀୟ ଲୋକେ କାହିଁକି ତୁମ୍ଭେମାନେ ଆକାଶ ଆଡ଼କୁ ଚାହିଁ ଠିଆ ହୋଇଅଛ ? ଏହି ଯେଉଁ ଯୀଶୁ ତୁମ୍ଭମାନଙ୍କ ନିକଟରୁ ସ୍ୱର୍ଗରେ ଗୃହିତ ହେଲେ, ତୁମ୍ଭେମାନେ ଯେଉଁ ପ୍ରକାରେ ସ୍ୱର୍ଗକୁ ଯିବାର ଦେଖିଲ ସେ ସେହି ପ୍ରକରେ ଆଗମନ କରିବେ ।'' (ପ୍ରେରିତ ୧୬:୧୧) ୧ କରିନ୍ଥୀ ୧୧:୨୬, ୨ କରିନ୍ଥୀ ୫:୧୦, ୧ମ ଥେସ ୪:୧୫-୧୬, ୨ପିତର ୨୩:୧୨, ତିତ ୨:୧୩) ଯୀଶୁଖ୍ରୀଷ୍ଟଙ୍କ ଆଗମନରେ ସେ ଜୀବିତ ଓ ମୃତମାନଙ୍କ ସାକ୍ଷାତରେ ଆଉ ଯେଉଁ ଖ୍ରୀଷ୍ଟ ଯୀଶୁ ଜୀବିତ ଓ ମୃତ ଉଭୟଙ୍କର ବିଚାର କରିବାକୁ ଯାଉଅଛନ୍ତି, ତାହାଙ୍କ ପୁନରାଗମନ ଓ ରାଜ୍ୟର ଶପଥ ଦେଇ ତୁମ୍ଭକୁ ଦୃଢ଼ ଆଜ୍ଞା ଦେଉଅଛ...'' (୨ୟ ତୀମଥି ୪:୧)

ପ୍ରେରିତମାନଙ୍କ ଉତ୍ତମ ଖ୍ରୀଷ୍ଟିୟ ଜୀବନ ବିଷୟରେ ଶିକ୍ଷା, ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ, ପତ୍ରିକାମାନଙ୍କରେ, ପ୍ରକାଶିତ ବାକ୍ୟରେ ଲିଖିତ ହୋଇଅଛି । ଈଶ୍ୱରଙ୍କ ବାକ୍ୟ ପଠନ ଦ୍ୱାରା ସେମାନଙ୍କ ଶିକ୍ଷା ବିଷୟରେ ଜାଣିପାରିବା । ସେଥିରେ ନିବିଷ୍ଟ ଚିତ୍ତ ହୋଇ ରହିଲେ, ଖ୍ରୀଷ୍ଟିୟ ଜୀବନରେ ବିଚଳିତ ନୋହିବୁ ।

ପ୍ରେରିତ ପିତର ଲେଖନ୍ତି,''ଅତଏବ ପ୍ରଭୁ ଯେ ମଙ୍ଗଳମୟ ଏହା ଯଦି ଆସ୍ୱାଦନ କରିଅଛ, ତାହାହେଲେ ସମସ୍ତ ପ୍ରକାର ଦୁଷ୍ଟତା, ଛଳ, କପଟ, ଈର୍ଷା ଓ ପରନିନ୍ଦା ତ୍ୟାଗ କରି ନବଜାତ ଶିଶୁ ତୁଲ୍ୟ ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ ପାନ କରିବାକୁ ଇଚ୍ଛା କର, ଯେପରି ତଦ୍ୱାରା ପରିତ୍ରାଣାର୍ଥେ ବୃଦ୍ଧି ପାଇପାର ।'' (ପ୍ରେରିତ ୨:୧-୩) । ଯୀଶୁଖ୍ରୀଷ୍ଟ ଅନେକ ସମୟରେ ଆପଣା ଶ୍ରୋତାମାନଙ୍କୁ କହୁଥିଲେ, ''...ତାହା କି ତୁମ୍ଭେମାନେ ପାଠ କରିନାହଁ ?'' (ମାଥିଉ ୧୨:୩) । ସେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବାକୁ ଇଚ୍ଛା କରନ୍ତି, କାରଣ ସେ ନିଜେ ଈଶ୍ୱରଙ୍କ ବାକ୍ୟ ବ୍ୟବହାର କରି, ଶୟତାନର ପରୀକ୍ଷାରୁ ବିଜୟୀ ହୋଇଥିଲେ । ''କିନ୍ତୁ ସେ ସିଦ୍ଧ ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରି ସେଥିରେ ନିବିଷ୍ଟ ଥାଏ ପୁଣି ବିସ୍ମରଣକାରୀ ଶ୍ରେତା ମାତ୍ର ନ ହୋଇ ବରଂ କାର୍ଯ୍ୟକାରୀ ହୁଏ । ସେ ଆପଣା କାର୍ଯ୍ୟରେ ଧନ୍ୟ ।'' (ଯାକୁବ ୧:୨୫) । ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ, ପ୍ରେରିତ

ଯୋହନ ପାଷ୍ମ ନାମ ଦ୍ୱୀପରେ ଦର୍ଶନ ଦେଇ କହିଥିଲେ, "ଯେ ପାଠ କରେ ଓ ଯେଉଁମାନେ ଏହି ଭାବବାଣୀ ଶ୍ରବଣ କରନ୍ତି, ପୁଣି ସେଥିରେ ଲିଖିତ ବିଷୟ ସବୁ ପାଳନ କରନ୍ତି; ସେମାନେ ଧନ୍ୟ; କାରଣ ସମୟ ସନ୍ନିକଟ।" (ପ୍ରକାଶିତ ୧:୩) । ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖନ୍ତି, "ମୁଁ ନ ଯିବା ପର୍ଯ୍ୟନ୍ତ ଶାସ୍ତ୍ରପାଠ, ଉପଦେଶ ଓ ଶିକ୍ଷାଦାନରେ ମନୋଯୋଗ କର।" (୧ମ ତୀମଥି ୪:୧୩) । "ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସକରୁ..." (କଲସୀ ୩:୧୬)

ପ୍ରଭୁଙ୍କ ବାକ୍ୟର ପ୍ରାଧାନ୍ୟତା ବିଷୟରେ ୧୧୯ ଗୀତ ସଂହିତାରେ ପଢ଼ିପାରୁ "ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି।" ୯ଗୀତ ୧୧୯:୧୧) । "ସଦାପ୍ରଭୁଙ୍କ ବ୍ୟବସ୍ଥା ସିଦ୍ଧ, ପ୍ରାଣର ସ୍ୱାସ୍ଥ୍ୟଜନକ । ସଦାପ୍ରଭୁଙ୍କ ପ୍ରମାଣ ବାକ୍ୟ ଅଟଳ, ଅଜ୍ଞ ବୁଦ୍ଧିର ଜ୍ଞାନଦାୟକ । ସଦାପ୍ରଭୁଙ୍କର ବିଧି ସବୁ ଯଥାର୍ଥ, ଆନନ୍ଦଜନକ ସଦାପ୍ରଭୁଙ୍କର ଆଜ୍ଞା ନିର୍ମଳ, ଚିତ୍ତର ଆନନ୍ଦଦାୟକ । ସଦାପ୍ରଭୁଙ୍କ ଭୟ ଶୁଚି, ସଦାପ୍ରଭୁଙ୍କ ଶାସନ ସକଳ ସତ୍ୟ ଓ ସର୍ବତୋଭାବେ ନ୍ୟାର୍ଯ୍ୟ, ତାହା ସବୁ ସୁବର୍ଣ୍ଣ ଓ ପ୍ରଚୁର ଶୁଦ୍ଧସୁବର୍ଣ୍ଣ ଅପେକ୍ଷା ବାଞ୍ଛନୀୟ; ଆଉ ଶୁଚି ସଦାକାଳ ସ୍ଥାୟୀ । ସଦାପ୍ରଭୁଙ୍କ ଶାସନ ସକଳ ସତ୍ୟ ଓ ସର୍ବୋତଭାବେ ନ୍ୟାର୍ଯ୍ୟ । ତାହାସବୁ ସୁବର୍ଣ୍ଣ ଓ ପ୍ରଚୁର ଶୁଦ୍ଧ ସୁବର୍ଣ୍ଣ ଅପେକ୍ଷା ବାଞ୍ଛନୀୟ ଆଉ, ମଧୁ ଓ ମଧୁଚାକ ଠାରୁ ସୁମିଷ୍ଟ । ଆହୁରି, ତଦ୍ୱାରା ତୁମ୍ଭ ଦାସ ଚେତନା ପାଏ; ତହିଁର ପ୍ରତିପାଳନରେ ମହାଲାଭ ଥାଏ।" (ଗୀତ ୧୯:୬-୧୧)

ସଦାପ୍ରଭୁଙ୍କ ପୁସ୍ତକ ଅନୁସନ୍ଧାନ କରି ପାଠ କରୁ (ଯିଶାଇୟ ୩୪:୧୬) । ପ୍ରେରିତମାନଙ୍କ ଦତ୍ତ ଶିକ୍ଷାରେ ନିବିଷ୍ଟ ଚିତ୍ତ ହୋଇ ବିଶ୍ୱସ୍ତ ଜୀବନଯାପନ କରୁ । ଅନନ୍ତଜୀବନର ଅଧିକାରୀ ହେଉ ।

**- Kabita Gootam**

❋❋❋

# ମନୋଯୋଗ
## (Meditation)

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ କହନ୍ତି,''ମୁଁ ନ ଯିବା ପର୍ଯ୍ୟନ୍ତ ଶାସ୍ତ୍ରପାଠ, ଉପଦେଶ ଓ ଶିକ୍ଷାଦାନରେ ମନୋଯୋଗ କର ।'' (୧ମ ତୀମଥି ୪:୧୩) । ପୁନର୍ବାର ଦୁଇ ପଦ ପରେ ସେ କହନ୍ତି, ତୁମ୍ଭର ଉନ୍ନତି ଯେପରି ସମସ୍ତଙ୍କ ନିକଟରେ ପ୍ରକଶିତ ହୁଏ, ଏଥି ନିମନ୍ତେ ମନୋଯୋଗୀ ହୁଅ ଓ ସେସବୁର ପ୍ରବୃତ୍ତ ଥାଅ ।'' (୧୫ମ ପଦ)। ଆମ୍ଭେମାନେ ଯେତେବେଳେ ତାହାଙ୍କ ଇଚ୍ଛା ଧ୍ୟାନ କରୁ, ଓ ସେଥିରେ ଆଜ୍ଞାବହ ହେଉ, ଆମ୍ଭେମାନେ ଶାରୀରିକ ଓ ଆତ୍ମିକ ଭାବେ ଅଭିବୃଦ୍ଧି ପାଇପାରୁ ।

ଆପଣ କି ଈଶ୍ୱରଙ୍କ ବାକ୍ୟରେ ମନୋଯୋଗ କରୁଅଛନ୍ତି । ତୀବ୍ର ବେଗରେ ଯାଉଥିବା ଏହି ସମାଜରେ ଈଶ୍ୱରଙ୍କ ବାକ୍ୟରେ ମନୋଯୋଗ କରିବାକୁ ସମୟ ନାହିଁ । ମନୋଯୋଗ ()ର ଅର୍ଥ, 'ମନେ ମନେ କଳ୍ପନା କରିବା', ଧ୍ୟାନ କରିବା, ଚିନ୍ତା କରିବା । ଈଶ୍ୱରଙ୍କ ବାକ୍ୟ ମନୋଯୋଗ କରିବା ନିମନ୍ତେ ଏହି ଆଧୁନିକ ସମାଜକୁ ସମୟର ଅଭାବ ।

୧) ଦାଉଦ, ପରମେଶ୍ୱରଙ୍କ ହୃଦୟାନୁଯାୟୀ ବ୍ୟକ୍ତି । ସେ ନିରନ୍ତର ପରମେଶ୍ୱରଙ୍କ କାର୍ଯ୍ୟଗୁଡ଼ିକ ଧ୍ୟାନ କରୁଥିବେ । ''ଭୀତ ହୁଅ ଓ ପାପ କର ନାହିଁ, ତୁମ୍ଭେମାନେ ଶଯ୍ୟା ଉପରେ ମନେ ମନେ କଥା କହି ନୀରବ ହୁଅ । (ଗୀତ ) ''ମୁଁ ପୁର୍ବକାଳର ଦିନସବୁ ସ୍ମରଣ କରୁଅଛି, ମୁଁ ପୁର୍ବକାଳର ଦିନ ସବୁ ସ୍ମରଣ କରୁଅଛି । ମୁଁ ତୁମ୍ଭର କର୍ମସବୁ ଧ୍ୟାନ କରୁଅଛି ମୁଁ ତୁମ୍ଭର ହସ୍ତକୃତ କର୍ମ ଚିନ୍ତା କରୁଅଛି ।'' (ଗୀତ ୧୪୫:୫)

୨) ''ମୁଁ ସଦାପ୍ରଭୁଙ୍କ କର୍ମସବୁ ଉଲ୍ଲେଖ କରିବି, ମୁଁ ପୁର୍ବକାଳର ତୁମ୍ଭ ଆଶ୍ଚର୍ଯ୍ୟ କ୍ରିୟା ସବୁ ସ୍ମରଣ କରିବି । ମୁଁ ତୁମ୍ଭରସମସ୍ତ କର୍ମ ଚିନ୍ତା କରିବି ଓ ତୁମ୍ଭର କ୍ରିୟା ସକଳ ଧ୍ୟାନ କରିବି ।'' (ଗୀତ ୭୭:୧୧,୧୨) ।

୩) ସଦାପ୍ରଭୁଙ୍କ ବିଷୟକ ଧ୍ୟାନ ଦାଉଦଙ୍କ ହୃଦୟକୁ ସନ୍ତୋଷଦାୟକ ଥିଲା; ''ତାହାଙ୍କ ପ୍ରତି ମୋ ଧ୍ୟାନ ସୁମିଷ୍ଟ ହେଉ, ମୁଁ ସଦାପ୍ରଭୁଙ୍କ ଠାରେ ଆନନ୍ଦ କରିବି ।'' (ଗୀତ ୧୦୪:୩୪) ସଦାପ୍ରଭୁଙ୍କ ବିଷୟକ ଧ୍ୟାନ ତାହାଙ୍କ ପ୍ରିୟ ଥିଲା । ''ମୁଁ ତୁମ୍ଭର

ବ୍ୟବସ୍ଥାକୁ କିପରି ପ୍ରିୟ ମଣେ । ତାହା ଦିନଯାକ ମୋହର ଧ୍ୟାନ ।'' (ଗୀତ ୧୧୯:୯୭) । ''ହେ ପରମେଶ୍ୱର, ଆହୁରି ତୁମ୍ଭର ସଂକଳ୍ପ ସକଳ ମୋ ପ୍ରତି କିପରି ବହୁମୂଲ୍ୟ । ତହିଁର ସଂଖ୍ୟା କିପରି ଅଧିକ ।'' (ଗୀତ ୧୩୯:୧୭) । ଦାଉଦ ସଦାପ୍ରଭୁଙ୍କ ହୃଦୟାନୁଯାୟୀ ବ୍ୟକ୍ତି ବୋଲି ପବିତ୍ର ବାକ୍ୟ ତାହାଙ୍କ ବିଷୟରେ ସାକ୍ଷ୍ୟ ଦିଏ ।

ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟରେ ମନୋଯୋଗ କରୁ ଓ ଧ୍ୟାନ କରୁ । ଧାର୍ମିକ ଦାଉଦ ଧାର୍ମିକ ବ୍ୟକ୍ତିମାନଙ୍କ ବିଷୟରେ ଲେଖନ୍ତି, ''...ସଦାପ୍ରଭୁଙ୍କର ବ୍ୟବସ୍ଥା ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ । (ଗୀତ ୧:୨) । ଯେଉଁମାନେ ସଦାପ୍ରଭୁଙ୍କ ବାକ୍ୟ ପ୍ରଚାର କରନ୍ତି, ଶିକ୍ଷା ଦିଅନ୍ତି ସେମାନେ ବାକ୍ୟ ଧ୍ୟାନ କରିବା ନିତାନ୍ତ ଆବଶ୍ୟକ । ସଦାପ୍ରଭୁ ଯିହୋଶୂୟଙ୍କୁ ଆଜ୍ଞା ଦେଇ କହନ୍ତି, ''ଏହି ବ୍ରବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁଯାୟୀ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର, ତାହା କଲେ ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୃତିକ ପ୍ରାପ୍ତ ହେବ ।'' (ଯିହୋଶୂୟ ୧:୮)

ଆମ୍ଭମାନଙ୍କ ହୃଦୟ ଆମୋଦଦାୟକ ବାକ୍ୟ ଧ୍ୟାନ କରୁ (ଗୀତ ୧:୨) ଏହା ପାଳନ କରି ସଫଳ ପ୍ରାପ୍ତ ହେଉ । (ଯିହୋଶୂୟ ୧:୮) । ଏହା ଆମ୍ଭମାନଙ୍କୁ ଜ୍ଞାନ ଦିଏ । (ଗୀତ ୪୯:୩) ଏହା ଆମ୍ଭମାନଙ୍କ ହୃଦୟର ସୁମିଷ୍ଟ (ଗୀତ ୧୦୪:୩୪) । ତାହାଙ୍କ ଉଦ୍ଦେଶ୍ୟରେ ଧ୍ୟାନ ବହୁମୂଲ୍ୟ । (ଗୀତ ୧୩୯:୧୭) । ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ଉନ୍ନତ ହୁଏ । (୧ମତୀମଥି ୪:୧୫) । ''ହେ ସଦାପ୍ରଭୁ, ମୋହର ଶୈଳ ଓ ମୋହର ମୁକ୍ତିକର୍ତ୍ତା, ତୁମ୍ଭ ଦୃଷ୍ଟିରେ ମୋ ମୁଖରେ ବାକ୍ୟ ଓ ମୋ ଅନ୍ତଃକରଣ ଧ୍ୟାନ ସୁଗ୍ରାହ୍ୟ ହେଉ ।'' (ଗୀତ ୧୯:୧୪)

**- Dwight Fuagua**

❋❋❋

# ଖ୍ରୀଷ୍ଟ କେନ୍ଦ୍ରୀଭୂତ ଖ୍ରୀଷ୍ଟଧର୍ମ
## (A Christ - Central Religion)

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ଧର୍ମପ୍ରଥାର କେନ୍ଦ୍ରବିନ୍ଦୁ । ସେହି କେନ୍ଦ୍ରବିନ୍ଦୁ ରହିବା ଆବଶ୍ୟକ ଓ ନିରନ୍ତର ରହିବେ ।

**ସେ ତ୍ରାଣକର୍ତ୍ତା ଅଟନ୍ତି :** ସ୍ତିପାନଙ୍କ ପ୍ରସ୍ତରଘାତରେ ମୃତ୍ୟୁ ପରେ ଖ୍ରୀଷ୍ଟିୟାନମାନେ ଛିନ୍ନଛିନ୍ନ ହୋଇଗଲେ। (ପ୍ରେରିତ ୮:୧) । ଅନେକ ଆନ୍ତିଆଖିଆରେ "....ପ୍ରଭୁ ଯୀଶୁଙ୍କ ସୁସମାଚାର ପ୍ରଚାର କରିବାକୁ ଲାଗିଲେ । (ପ୍ରେରିତ ୧୧:୨୦) । ପ୍ରେରିତ ପାଉଲ କହନ୍ତି,"...ଆମ୍ଭେମାନେ କ୍ରୁଶରେ ହିଁ ଖ୍ରୀଷ୍ଟଙ୍କ ପ୍ରଚାର କରୁ..." (୧ମ କରିନ୍ଥୀ ୧:୨୩) । ସେ ଖ୍ରୀଷ୍ଟ ମରଣ, ସମାଧି ଓ ପୁନଃରୁଥାନ ପ୍ରଚାର କରୁଥିଲେ। (୧ମ କରିନ୍ଥୀ ୧୫:୧-୪) । ଆମ୍ଭମାନଙ୍କ ପରିଚର୍ଯ୍ୟାର କେନ୍ଦ୍ରବିନ୍ଦୁ ପ୍ରଭୁ ଯୀଶୁଖ୍ରୀଷ୍ଟ ରହିବା ଆବଶ୍ୟକ ।

**ମନ ପରିବର୍ତ୍ତନ କରି ପ୍ରଭୁଙ୍କ ପ୍ରତି ଫେରିଲେ :** ଆନ୍ତୟଖିଆରେ ପାଉଲଙ୍କ ପ୍ରଚାରରେ ମନ ପରିବର୍ତ୍ତନ କରିପ୍ରଭୁଙ୍କ ପ୍ରତି ଫେରିଲେ । (ପ୍ରେରିତ ୧୧:୨୧) ଥେସଲନୀକୀ ବାସୀ ବାକ୍ୟ ଶ୍ରବଣ କରି ଈଶ୍ୱରଙ୍କ ପ୍ରତିଫେରି ଥିଲେ । (୧ ଥେସ ୧:୯) ଆମ୍ଭେମାନେ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂଯୁକ୍ତ ହେଉ । (ପ୍ରେରିତ ୨:୪୭) । ଅର୍ଥାତ୍ ଆମ୍ଭେମାନେ ପ୍ରଭୁଙ୍କ ପ୍ରତି ଫେରି, ବାପ୍ତିଜିତ ହୋଇ, ତାହାଙ୍କ ଶରୀର ରୂପ ମଣ୍ଡଳୀରେ ସଂଯୁକ୍ତ ହେଉ । ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହେବାର ଅର୍ଥ, ତାହାଙ୍କ ସହିତ ସମ୍ବନ୍ଧ ରଖିବା ଓ ତାହାଙ୍କ ପ୍ରତି ଫେରିବା ।

**ଖ୍ରୀଷ୍ଟିୟାନମାନେ ତାହାଙ୍କ ଅଧିକାରର ଅନୁଗତ ଥିଲେ :** ବର୍ଣ୍ଣବା, ଆନ୍ତୟଖିଆକୁ, "...ଉପସ୍ଥିତ ହୋଇ ଈଶ୍ୱରଙ୍କର ଅନୁଗ୍ରହ ଦେଖି ଆନନ୍ଦିତ ହେଲେ, ଆଉ ଯେପରି ସେମାନେ ହୃଦୟର ଏକାଗ୍ରତାରେ ପ୍ରଭୁଙ୍କ ପ୍ରତି ଆସକ୍ତ ହୋଇ ରହନ୍ତି, ସେଥି ନିମନ୍ତେ ସମସ୍ତଙ୍କୁ ଉତ୍ସାହ ଦେଲେ । (ପ୍ରେରିତ ୧୧:୨୩) । ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ଆଧିପତ୍ୟାଧିନା ସେ ଆମ୍ଭମାନଙ୍କ ବିଜୟ ଧ୍ୱଜ । ଆମ୍ଭେମାନେ ତାହାଙ୍କ ବାକ୍ୟ

ତାହାଙ୍କ ପ୍ରଜା ଓ ତାହାଙ୍କର ଅଧିନ ଅଟୁ । ସତ୍ୟ ପ୍ରତି କିଅବା ମଣ୍ଡଳୀ ପ୍ରତି ଅବିଶ୍ୱସ୍ତ ରହିଲେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱସ୍ତ ରହ ନପାରୁ ।

ତାହାଙ୍କ ଦ୍ୱାରା କ୍ରୀତ ହୋଇଅଛୁ : ଆନ୍ତୟଖିଆର ଅନେକ ପ୍ରଭୁଙ୍କ ନିକଟକୁ ଆସିଥିଲେ । (ପ୍ରେରିତ ୧୧:୨୪) । ଯୀଶୁ କହିଲେ,''ମୋ ନିକଟକୁ ଆସ'' । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରଚାରର ଓ ଧର୍ମପ୍ରଥାର କେନ୍ଦ୍ରବିନ୍ଦୁ ଅଟନ୍ତି । ଖ୍ରୀଷ୍ଟଙ୍କ ବିନା ଖ୍ରୀଷ୍ଟଧର୍ମର ମୂଲ୍ୟ କଅଣ ? ମଣ୍ଡଳୀରେ ବାକ୍ୟ ବିରୁଦ୍ଧ ପ୍ରଥା, ସିଦ୍ଧାନ୍ତ, ବିଭିନ୍ନ ନେତାମାନଙ୍କୁ ପ୍ରାଧାନ୍ୟତା ଦେବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଅପମାନ କରୁଅଛୁ । ଖ୍ରୀଷ୍ଟଙ୍କ ବିନା ଖ୍ରୀଷ୍ଟଧର୍ମର ମୂଲ୍ୟ କଅଣ ? ମଣ୍ଡଳୀରେ ବାକ୍ୟ ବିରୁଦ୍ଧ ପ୍ରଥା, ସିଦ୍ଧାନ୍ତ, ବିଭିନ୍ନ ନେତାମାନଙ୍କୁ ପ୍ରାଧାନ୍ୟତା ଦେବା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଅପମାନ କରୁଅଛୁ । ଖ୍ରୀଷ୍ଟ ମଣ୍ଡଳୀର ସର୍ବସ୍ୱ ଅଟନ୍ତି । ଖ୍ରୀଷ୍ଟଙ୍କ ବିନୁ ଖ୍ରୀଷ୍ଟଧର୍ମ ଶୂନ୍ୟ ।

**- Cliff Halmes**

❋❋❋

## ''ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ''
## (Exceeding Great and Precious Promises)

ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କର ମହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନଙ୍କ ଦ୍ୱାରା ଆମ୍ଭେମାନେ ଐଶ୍ୱରିକ ସହଭାଗୀ ହେଉଁ । ପ୍ରେରିତ ପିତର ଏପରି ଲେଖନ୍ତି, ''ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି, ତଦ୍ୱାରା ସେ ଆମ୍ଭମାନଙ୍କୁ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ ଦାନ କରିଅଛନ୍ତି, ଯେପରି ସେହିସବୁ ଦ୍ୱାରା ତୁମ୍ଭେମାନେ କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର ସହଭାଗୀ ହୁଅ ।'' (୧ମ ପିତର ୧:୩-୪)

ଈଶ୍ୱର ପ୍ରତିଜ୍ଞାମାନ (୧) ଅତି ମହତ୍ (୨) ବହୁମୂଲ୍ୟ (୩) ମୁଖ୍ୟ (୪) ଜୀବନ୍ତ (୫) ଶକ୍ତିବନ୍ତ (୬) ଭରସାଯୁକ୍ତ । ଅବ୍ରାହମ 'ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି,

ତାହା ସାଧନ କରିବା ନିମନ୍ତେ ମଧ୍ୟ ସେ ଯେ ସକ୍ଷମ, ଏହା ଦୃଢ଼ ରୂପେ ଜାଣି ତାହାଙ୍କୁ ଗୌରବ ଦେଇ ବିଶ୍ୱାସରେ ବଳିଦାନ ଦେଲେ ।' ଆମ୍ଭେମାନେ ତାହାଙ୍କ ସନ୍ତାନ ରୂପେ ପରଗଣିତ ହେବା ନିମନ୍ତେ ତାହାଙ୍କ ଆଦର୍ଶ ଅନୁଗମନ କରୁ ।

ଏବ୍ରୀ ପୁସ୍ତକକର୍ତ୍ତା ଯୀଶୁଙ୍କ ବିଷୟରେ କହନ୍ତି, ''ପୁତ୍ର ହେଲେ ହେଁ ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ । ପୁଣି ସିଦ୍ଧ ହୋଇ ନିଜ ଆଜ୍ଞାକାରୀମାନଙ୍କ ପ୍ରତି ଅନନ୍ତ ପରିତ୍ରାଣର କାରଣ ସ୍ୱରୂପ ହେଲେ ।'' (ଏବ୍ରୀ ୫:୮-୯) । ''ଯେ ହଜିଥିଲା, ଆମ୍ଭେ ତାହାର ଅନ୍ୱେଷଣ କରିବା ଓ ଯେ ତାଡ଼ିତ ହୋଇଥିଲା, ତାହାକୁ ପୁନର୍ବାର ଆଣିବା, ପୁଣି ଭଗ୍ନାଙ୍କର କ୍ଷତ ବାନ୍ଧିବା ଓ ପୀଡ଼ିତକୁ ସବଳ କରିବା, ଆଉ ହୃଷ୍ଟପୁଷ୍ଟ ଓ ବଳବାନକୁ ସଂହାର କରିବା ।'' (ଯିହିଜିକଲ ୩୪:୧୬) । ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ଆମ୍ଭେମାନେ ନମ୍ରଭାବେ ପରମେଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହେଲେ ତାହାଙ୍କ ଏହି ଅଟଳ ପ୍ରତିଜ୍ଞାର ସହଭାଗୀ ହୋଇପାରିବା । ସିଦ୍ଧ ଓ ସରଳ ହୃଦୟରେ ସ୍ୱର୍ଗରାଜ୍ୟର ଅନୁସନ୍ଧାନକାରୀ ପ୍ରତ୍ୟେକେ ତାହାର ସନ୍ଧାନ ପାଇବେ ।

ପ୍ରତ୍ୟେକ ମନୁଷ୍ୟ ବିଶ୍ୱସ୍ତ ଓ ଧାର୍ମିକ ଖ୍ରୀଷ୍ଟିୟାନ ଜୀବନଯାପନ କରିବା ଆବଶ୍ୟକ କାରଣ, ''ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ, ତାହାପରେ ବିଚାର ନିରୂପିତ ଅଛି ... ...।'' (ଏବ୍ରୀ ୯:୨୭-୨୮) । ଗୀତ ସଂହିତାରେ ଲିଖିତ ମୋଶାଙ୍କ ପ୍ରାର୍ଥନାରେ ଲେଖାଯାଏ, ''ଆମ୍ଭମାନଙ୍କ ଆୟୁର ପରିମାଣ ସତୁରୀ ବର୍ଷ, ଅଧିକ ବଳ ସକାଶୁ ଅଶୀ ହୁଏ, ତଥାପି ତହିଁର ଗର୍ବ ଓ ପରିଶ୍ରମ ଦୁଃଖ ମାତ୍ର । କାରଣ ତାହା ଶୀଘ୍ର ବହିଯାଏ ଓ ଆମ୍ଭେମାନେ ଉଡ଼ିଯାଉ ।'' (ଗୀତ ୪୦:୧୦)

ପିତା ପରମେଶ୍ୱରଙ୍କ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ ଆମ୍ଭେ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହେବା ଦ୍ୱାରା ପ୍ରାପ୍ତ ହୋଇଥାଉଁ । ଅବିଶ୍ୱସ୍ତ ଓ ଅନାଜ୍ଞାବହମାନଙ୍କ ନିମନ୍ତେ ଈଶ୍ୱରଙ୍କ ବାକ୍ୟ କୌଣସି ଆଶୀଷ ପ୍ରତୀକ୍ଷା କରେ ନାହିଁ, ସେମାନଙ୍କ ଶେଷ ଗତି ନରକ । ଆପଣ କି ପରମେଶ୍ୱରଙ୍କ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନର ସହଭାଗୀ ହେବା ଇଚ୍ଛୁକ ? ତାହା ହେଲେ ଆଜ୍ଞାପାଳନ କର (୨ ପିତର ୧:୩, ମାର୍କ ୧୬:୧୫-୧୬)

**- *Charles Box***

**Edited & Published by : Kabita & Joshua Gootam**